# NATIONAL NEWS BULLETIN (ODIA)

## 3 March - 2025

## Morning Bulletin : 7.15 a.m.

************************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହେବ ଜାତୀୟ ବନ୍ୟପ୍ରାଣୀ ବୋର୍ଡ ବୈଠକ ।
- ଦେଶରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ସ୍ଥାୟୀତ୍ୱ ଏବଂ ବିତରଣ ସମ୍ପର୍କିତ କର୍ମଶାଳାକୁ ଆଜି ଉଦ୍‌ଘାଟନ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଭାରତ-ଆମେରିକା ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଲକ୍ଷ୍ୟ ନେଇ ଆଜିଠାରୁ ୱାଶିଂଟନ୍ ଗସ୍ତରେ ଯିବେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ।
- ଭାରତ ଓ ବାଂଲାଦେଶ ଗଙ୍ଗାଜଳ ଚୁକ୍ତିର ନବୀକରଣକୁ ଦୃଷ୍ଟିରେ ରଖି ଆଜି ପଶ୍ଚିମବଙ୍ଗର ଫାରାକ୍କା ଗସ୍ତରେ ଯିବେ ଉଭୟ ଦେଶର ପ୍ରତିନିଧିମଣ୍ଡଳୀ ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଆସନ୍ତାକାଲି ପ୍ରଥମ ସେମିଫାଇନାଲ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ହେବ ମୁକାବିଲା ।

## ପିଏମ୍-ଗୁଜରାଟ

ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଜାତୀୟ ବନ୍ୟପ୍ରାଣୀ ବୋର୍ଡ ବୈଠକ ଅନୁଷ୍ଠିତ ହେବ । ଜୁନାଗଡ଼ ଜିଲ୍ଲା ଅନ୍ତର୍ଗତ ଶାସନଗିର ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ବୋର୍ଡର ୪୭ ଜଣ ସଦସ୍ୟ ଯୋଗଦେବେ । ସେମାନଙ୍କ ମଧ୍ୟରେ  ସେନା ମୁଖ୍ୟ, ବିଭିନ୍ନ ରାଜ୍ୟର ପ୍ରତିନିଧି, ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଥିବା ବେସରକାରୀ ଅନୁଷ୍ଠାନର ପ୍ରତିନିଧି, ବିଭିନ୍ନ ରାଜ୍ୟର ବିଭାଗୀୟ ସଚିବ ପ୍ରମୁଖ ଏଥିରେ ଅନ୍ତର୍ଭୁକ୍ତ । ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ଏହାର ବିକାଶ ଦିଗରେ ବିଭିନ୍ନ ବିଷୟ ନେଇ ଏହି ବୈଠକରେ ଆଲୋଚନା ହେବ ।

ସୂଚନା ଯୋଗ୍ୟ ପ୍ରଧାନମନ୍ତ୍ରୀ ଏହି ବୋର୍ଡର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ବୈଠକ ପରେ ଶ୍ରୀ ମୋଦୀ ଶାସନଠାରେ କାର୍ଯ୍ୟରତ ବନବିଭାଗର ବିଭିନ୍ନ ମହିଳା କର୍ମଚାରୀଙ୍କ ସହ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଆଜି ସକାଳୁ ପ୍ରଧାନମନ୍ତ୍ରୀ ଗିର୍ ଜାତୀୟ ପାର୍କର ସିଂହ ସଫାରୀ ପରିଦର୍ଶନ କରିବେ । ଜାମନଗରସ୍ଥିତ ଭନ୍ତାରା ଠାରେ

ପ୍ରାଣୀ ଉଦ୍ଧାର କେନ୍ଦ୍ର ଗତକାଲି ପ୍ରଧାନମନ୍ତ୍ରୀ ପରିଦର୍ଶନ କରିଥିଲେ । ସୋମନାଥ ମନ୍ଦିର ମଧ୍ୟ ଗତକାଲି ପରିଦର୍ଶନ କରି ପ୍ରଧାନମନ୍ତ୍ରୀ ପ୍ରାର୍ଥନାରେ ଯୋଗଦେଇଥିଲେ । ସୋମନାଥ ଟ୍ରଷ୍ଟ ବୋର୍ଡର ଗତ ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ଶ୍ରୀ ମୋଦୀ ଅଧ୍ୟକ୍ଷତା କରିଥିଲେ । ଶନିବାର ଠାରୁ ପ୍ରଧାନମନ୍ତ୍ରୀ ତିନି ଦିନିଆ ଗୁଜରାଟ ଗସ୍ତରେ ଅଛନ୍ତି ।

## ଶାହା-ଡାଏରୀ ୱାର୍କସପ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀ ଠାରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ସ୍ଥାୟୀତ୍ୱ ଏବଂ ବିତରଣ ସମ୍ପର୍କିତ କର୍ମଶାଳାକୁ ଉଦ୍‌ଘାଟନ କରିବେ । ସମବାୟ ମନ୍ତ୍ରଣାଳୟ ଏବଂ ପଶୁପାଳନ, ଦୁଗ୍ଧ ଓ ମତ୍ସ୍ୟ ମନ୍ତ୍ରଣାଳୟର ନୀତି ଏବଂ ପଦକ୍ଷେପ ଗୁଡ଼ିକ ଉପରେ ଏହି କର୍ମଶାଳାରେ ମତ ବିନିମୟ ହେବ । ସ୍ଥାୟୀ ଦୁଗ୍ଧ ଉତ୍ପାଦନକୁ ପ୍ରୋତ୍ସାହନ ପ୍ରଦାନ ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି କର୍ମଶାଳାରେ ଆୟୋଜନ କରାଯାଇଛି । କେତେକ ରାଜ୍ୟରେ ବାୟୋ ଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ଏହି କର୍ମଶାଳାରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ସ୍ଥାୟୀ ସାର ପରିଚାଳନା ମଡେଲ୍ ଉପରେ ଏହି କର୍ମଶାଳାରେ ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ଜାତୀୟ ଦୁଗ୍ଧ ଉନ୍ନୟନ ବୋର୍ଡ, ଶିଳ୍ପ ଏବଂ ବିଶ୍ୱସ୍ତରୀୟ

ସଂଗଠନର ପ୍ରତିନିଧି ତଥା ବିଶେଷଜ୍ଞ ଏହି କର୍ମଶାଳାରେ ଯୋଗଦେଇ ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ଅଧିକ ବ୍ୟାପକ, ବର୍ଜ୍ୟବସ୍ତୁର ଶକ୍ତି ଉତ୍ପାଦନ, ଆର୍ଥିକ ଅଭିବୃଦ୍ଧି ଆଦି ପ୍ରସଙ୍ଗ ଉପରେ ଆଲୋଚନାରେ ଅଂଶଗ୍ରହଣ କରିବେ । ଏ କ୍ଷେତ୍ରରେ ଉନ୍ନତ ଜ୍ଞାନକୌଶଳର ଭୂମିକା ଉପରେ ମଧ୍ୟ ବୈଠକରେ ମତବିନିମୟ ହେବାର ଆଶା କରାଯାଉଛି ।

## ଗୋୟଲ-ୱାଶିଂଟନ୍ ଭିଜିଟ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ୍ ଆଜିଠାରୁ ୱାଶିଂଟନ୍ ଗସ୍ତରେ ଯାଉଛନ୍ତି । ଏହି ଅବସରରେ ଶ୍ରୀ ଗୋୟଲ୍ ଆମେରିକାର ବାଣିଜ୍ୟ ପ୍ରତିନିଧି  ଜେମିସନ୍ ଗ୍ରିର ଏବଂ ବାଣିଜ୍ୟ ସଚିବ ହାୱାର୍ଡ୍ ଲୁଟନିକ୍‌ଙ୍କ ସହ ଆଲୋଚନା ବୈଠକରେ ଯୋଗଦେବେ । ଦୁଇ ଦେଶ ମଧ୍ୟରେ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ପରିପ୍ରେକ୍ଷୀରେ ଶ୍ରୀ ଗୋୟଲଙ୍କ ଗସ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୱାଶିଂଟନ୍ ଗସ୍ତ ଅବସରରେ ଭାରତ ଓ ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟକୁ ଆସନ୍ତା ୨୦୩୦ ସୁଦ୍ଧା ଦ୍ୱିଗୁଣିତ କରି ୫୦୦ ବିଲିୟନ୍ ଆମେରିକୀୟ ଡଲାର୍‌ରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଥିଲା । ଶ୍ରୀ ମୋଦୀଙ୍କ ଏହି ଗସ୍ତ ଅବସରରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଆଲୋଚନା ବେଳେ ଉଭୟ ଦେଶ ଏଥିପାଇଁ ସେମାନଙ୍କର ପ୍ରତିବଦ୍ଧତା ସମ୍ପର୍କରେ

ସୂଚନା ପ୍ରଦାନ କରିଥିଲେ । ଉଭୟ ଦେଶ ମଧ୍ୟରେ ଏକ ଦୃଢ଼ ବାଣିଜ୍ୟ ଚୁକ୍ତି ପ୍ରସ୍ତୁତି ନେଇ ଆଲୋଚନା ହେବ ବୋଲି ଶିଳ୍ପ ମନ୍ତ୍ରୀ ଶ୍ରୀ ଗୋୟଲ୍ ଗତ ମାସରେ ଘୋଷଣା କରିଥିଲେ ।

## କୋଲ୍ - ରୋଡ୍‌ଶୋ'

ବାଣିଜ୍ୟିକ କୋଇଲା ଖଣି ନିଲାମ ଏବଂ ସେଥିରେ ପୁଞ୍ଜିନିବେଶ ଲାଗି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ କୋଇଲା ମନ୍ତ୍ରଣାଳୟ ଆଜି ଗୁଜରାଟର ଗାନ୍ଧିନଗରରେ ରୋଡ୍‌ଶୋ' ଆୟୋଜନ କରିଛି । ମନ୍ତ୍ରଣାଳୟ ପକ୍ଷରୁ ଗତ କିଛିଦିନ ହେବ ପୁଞ୍ଜିନିବେଶଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟ ନେଇ ଏଭଳି ରୋଡ୍‌ଶୋ' ଆୟୋଜନ କରାଯାଉଛି । ବୃଦ୍ଧି ପାଉଥିବା ଭାରତୀୟ କୋଇଲା କ୍ଷେତ୍ରରେ ନୀତି ନିର୍ଦ୍ଧାରକ, ନିବେଶକ ଏବଂ ଶିଳ୍ପ ଅଂଶୀଦାରମାନଙ୍କୁ ସାମିଲ୍ କରିବା ଲାଗି ମନ୍ତ୍ରଣାଳୟ ପଦକ୍ଷେପ ନେଉଛି ।

ଆଜିର କାର୍ଯ୍ୟକ୍ରମରେ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ବିଭାଗର ଅତିରିକ୍ତ ସଚିବ ରୂପିନ୍ଦର ବ୍ରାର୍‌ଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏଥିରେ ସାମିଲ୍ ହେବେ ।

ସରକାରଙ୍କ ଦ୍ୱାରା କୋଇଲା ଉତ୍ପାଦନ ଓ ସାମର୍ଥ୍ୟ ବୃଦ୍ଧି ଏବଂ ନିୟାମକ ସମର୍ଥନ ଆଦି କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ନିମନ୍ତେ ଏହି

କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଭାରତୀୟ କୋଇଲା କ୍ଷେତ୍ରରେ ରହିଥିବା ସମ୍ଭାବନା, ନିବେଶ ଏବଂ ବ୍ୟବସାୟର ସହଯୋଗ ସମ୍ପର୍କରେ ଜନସଚେତନତା ବୃଦ୍ଧି ନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।

## ଇଣ୍ଡିଆ-ବାଂଲାଦେଶ ରିଭର୍ ଏକ୍ସପର୍ଟ୍ସ

ଭାରତ ଓ ବାଂଲାଦେଶ ନଦୀ ବିଶେଷଜ୍ଞ ଆଜି ପଶ୍ଚିମବଙ୍ଗର ଫାରାକ୍କା ଗସ୍ତ କରି ନଦୀ ଜଳସ୍ତର ସମୀକ୍ଷା କରିବେ । ଡିସେମ୍ବର ୨୦୨୬ରେ ଶେଷ ହେବାକୁ ଯାଉଥିବା ଗଙ୍ଗାଜଳ ଚୁକ୍ତିର ନବୀକରଣ ଲକ୍ଷ୍ୟ ନେଇ ଦୁଇ ଦେଶ ପକ୍ଷରୁ ଏହି ବିଶେଷଜ୍ଞମାନେ ସମୀକ୍ଷା କରିବେ । ମିଳିତ ନଦୀ ଆୟୋଗର ସଦସ୍ୟ ମହମ୍ମଦ ଅବୁଲ ହୁସେନଙ୍କ ନେତୃତ୍ୱରେ ଏକ ୧୧ ଜଣିଆ ବାଂଲଶଦେଶର ପ୍ରତିନିଧି ମଣ୍ଡଳୀ ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଯୋଗଦେବେ । ଭାରତ ପକ୍ଷରୁ ମଧ୍ୟ ଏଥିରେ ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ଅଂଶଗ୍ରହଣ କରୁଛନ୍ତି ।

ବାଂଲାଦେଶର ପ୍ରତିନିଧି ମଣ୍ଡଳୀ ଆସନ୍ତା ୭ ତାରିଖରେ ପଶ୍ଚିମବଙ୍ଗ ରାଜ୍ୟ ଜଳସେଚନ ସଚିବ ମନିଶ ଜୈନଙ୍କ ସହ ଆଲୋଚନା ବୈଠକରେ ଯୋଗ ଦେବେ । ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଭାରତ ଏବଂ ବାଂଲାଦେଶ ମଧ୍ୟରେ ୫୪ଟି ନଦୀ ରହିଛି । ୧୯୭୨ ମସିହାରୁ ଉଭୟ ଦେଶର ମିଳିତ ନଦୀ ଆୟୋଗ ଗଠନ

କରାଯାଇଥିଲା । ନଦୀ ଜଳ ଉପରେ ପାରସ୍ପରିକ ସ୍ୱାର୍ଥ ସମ୍ପର୍କିତ ଆହ୍ୱାନ ଗୁଡ଼ିକର ମୁକାବିଲା ଦିଗରେ ଏହି ଆୟୋଗ ଗଠିତ ହୋଇଥିଲା । ୧୯୯୬ ମସିହା ଡିସେମ୍ବର ୧୨ ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ଏବଂ ବାଂଲାଦେଶ ପ୍ରତିପକ୍ଷ ଶେଖ୍ ହସିନାଙ୍କ ମଧ୍ୟରେ ଗଙ୍ଗାଜଳ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

## ଜେକେ-ବଜେଟ୍

ଜାମ୍ମୁ କାଶ୍ମୀର ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ଅଭିଭାଷଣ ସହିତ ଏହି ବୈଠକ ଆରମ୍ଭ ହେବ । ନ୍ୟାସନାଲ୍ କନ୍‌ଫରେନ୍ସ ନେତା ତଥା ମୁଖ୍ୟମନ୍ତ୍ରୀ ଓମାର ଅବଦୁଲାଙ୍କ ନେତୃତ୍ୱାଧୀନ ସରକାରଙ୍କର ଏହା ପ୍ରଥମ ବଜେଟ୍ ଅଧିବେଶନ । ଗତବର୍ଷ ଅକ୍ଟୋବର ମାସରେ ସେଠାରେ ନୂତନ ସରକାର ଗଠନ ହୋଇଥିଲା । ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ଓମାର ଅବଦୁଲା ଆସନ୍ତା ୭ ତାରିଖରେ ଗୃହରେ ବଜେଟ୍ ଉପସ୍ଥାପନ କରିବେ ।

## ବଜେଟ୍ ସେସନ୍-ନାଗାଲାଣ୍ଡ

ନାଗାଲାଣ୍ଡ ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ରାଜ୍ୟପାଳ ଲା ଜାଲେସନ୍ ଗୃହରେ ଆଜି ତାଙ୍କର ଅଭିଭାଷଣ ପ୍ରଦାନ କରିବେ । ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆସନ୍ତାକାଲି ଠାରୁ ଆଲୋଚନା ଆରମ୍ଭ ହେବା ସହ ବିଭିନ୍ନ ବାର୍ଷିକ ପ୍ରଶାସନିକ ତଥା ବିଧାନସଭା କମିଟି ରିପୋର୍ଟ ଏବଂ ସରକାରୀ ବିଲ୍ ସଂକ୍ରାନ୍ତ ପ୍ରସ୍ତାବ ଗୃହରେ ଆଗତ କରାଯିବ । ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ନିଫିୟୁ ରିଓ ଆସନ୍ତା ୬ ତାରିଖରେ ଗୃହରେ ବଜେଟ୍ ଉପସ୍ଥାପନ କରିବେ । ଶୁକ୍ରବାର ଦିନ ବଜେଟ୍ ଉପରେ ଆଲୋଚନା ଆରମ୍ଭ ହେବ । ଶନିବାର ପର୍ଯ୍ୟନ୍ତ ଏହି ଅଧିବେଶନ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

## ଦିଲ୍ଲୀ-ଆସେମ୍ବ୍ଲି

ସି.ଏ.ଜି. ରିପୋର୍ଟ ଉପରେ ଆଜି ଦିଲ୍ଲୀ ବିଧାନସଭାରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ଭିତ୍ତିଭୂମି ଏବଂ ଏହାର ପରିଚାଳନା ଉପରେ ସି.ଏ.ଜି. ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ତଥ୍ୟ ଆଧାରରେ ଏହି ଆଲୋଚନା ହେବ । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଗତ ୨୮ ତାରିଖରେ ବିଧାନସଭାରେ ସି.ଏଜି. ରିପୋର୍ଟ ଉପସ୍ଥାପନ କରିଥିଲେ । ୨୦୧୬-୧୭ରୁ ୨୦୨୧-୨୨ ସମୟସୀମା ମଧ୍ୟରେ

ତତ୍କାଳୀନ ଆପ୍ ସରକାରଙ୍କ ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଏହି ରିପୋର୍ଟରେ ତଥ୍ୟ ଉପସ୍ଥାପନ କରାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ବୃଦ୍ଧି ପାଉଥିବା ମେଦ ବହୁଳତା ଚିନ୍ତା ଏବଂ ଏହାର ନିରାକରଣ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଏଥିରେ ନୂଆଦିଲ୍ଲୀ ଏମ୍‌ସ୍‌ର କାଡିଓଲୋଜି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ସୌରଭ ଅଗସ୍ତମ ଏବଂ ଡାଏଟିସିଆନ୍ ଡକ୍ଟର ମାଲା ମନରାଲ୍ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଚାମ୍ପିୟନ୍ସ ଟ୍ରଫି

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ସେମିଫାଇନାଲ୍ ପର୍ଯ୍ୟାୟ ଖେଳ ସୂଚୀ ସ୍ଥିର ହୋଇଛି । ଆସନ୍ତାକାଲି ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଦୁବାଇ ଠାରେ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଖେଳାଯିବ । ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ସେମିଫାଇନାଲ୍‌ରେ ବୁଧବାର ଦିନ ଲାହୋର ଠାରେ ପରସ୍ପରକୁ ଭେଟିବେ ।

ପ୍ରତିଯୋଗିତାର ଗତକାଲିର ଶେଷ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ' ନ୍ୟୁଜିଲାଣ୍ଡକୁ ୪୪ ରନ୍‌ରେ ପରାସ୍ତ କରିଛି । ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ନ୍ୟୁଜିଲାଣ୍ଡ ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ଭାରତ ନିର୍ଦ୍ଧାରିତ ୫୦ ଓଭରେ ୯ ୱିକେଟ୍ ବିନିମୟରେ ୨୪୯ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଶ୍ରେୟସ୍ ଆୟର୍ ସର୍ବାଧିକ ୭୯ରନ୍ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ୪୫ରନ୍‌ର ପାଳି ଖେଳିଥିଲେ । ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ୍ ହେନ୍‌ରୀ ୫ଟି ୱିକେଟ୍ ଅକ୍ତିଆର କରିଥିଲେ । ୨୫୦ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନ୍ୟୁଜିଲାଣ୍ଡ ଦଳ ୪୫ ଓଭର ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୨୦୫ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ କେନ୍ ୱିଲିୟମ୍‌ସନ୍ ସର୍ବାଧିକ ୮୧ରନ୍ ସଂଗ୍ରହ କରିଥିଲେ । ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ସର୍ବାଧିକ ୫ଟି ୱିକେଟ୍ ଅକ୍ତିଆର କରି ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ

ହୋଇଛନ୍ତି । ଏହି ବିଜୟ ସହ ଭାରତ ଗ୍ରୁପ୍ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ଜିତି ତାଲିକାରେ ଶୀର୍ଷ ସ୍ଥାନକୁ ଉନ୍ନିତ ହୋଇଛି ।